পଶ୍ଚିମ ବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ହରି ନାରାୟଣ ଭୋୱାଲ ଏବଂ ଅନ୍ୟମାନେ

ମାର୍ଚ୍ଚ 16,1994

[ପି. ବି. ସାୱନ୍ତ ଏବଂ ଏନ୍. ପି. ସିଂହ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950:ଧାରା 14,16 (1), 39 (d)-- ସମାନ କାମ ପାଇଁ ସମାନ ଦରମା-- ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ ଅଧିନିୟମ ଅନୁଯାୟୀ ନିଯୁକ୍ତ ଅଗ୍ରଗାମୀମାନେ ପୋଲିସ୍ କନଷ୍ଟେବଳଙ୍କ ସହ ସମାନ ଦରମା ଦାବି କରୁଛନ୍ତି --ନିର୍ଣ୍ଣୟ ହୋଇଛି ଯେ, ଜନସେବାରେ ସେମାନେ ଦୁଇଟି ଭିନ୍ନ ଶ୍ରେଣୀ ଗଠନ କରନ୍ତି-- ଭିନ୍ନ ଭିନ୍ନ ବେତନ ହାର ସ୍ଥିର କରିବା ଅନୁଚ୍ଛେଦ 14ର ଉଲ୍ଲଙ୍ଘନ ନୁହେଁ- ଦାବିଦାରମାନେ ନ୍ୟାୟାଳୟକୁ ସନ୍ତୁଷ୍ଟ କରିବା ଉଚିତ ଯେ କେବଳ ସେମାନଙ୍କ କାର୍ଯ୍ୟର ପ୍ରକୃତି ସମାନ ନୁହେଁ, ବରଂ ସେମାନେ ସମାନ ଶ୍ରେଣୀର ଅଟନ୍ତି-- ଅନୁଚ୍ଛେଦ 14 ର ପରିମାପକ ମଧ୍ୟରେ ସେମାନଙ୍କୁ ସମାନ ଭାବରେ ବିବେଚନା କରାଯାଇ ନାହିଁ ବୋଲି ଯେପର୍ଯ୍ୟନ୍ତ ଦାବିଦାରମାନେ ସନ୍ତୋଷଜନକ ପ୍ରମାଣ ଦେଇନାହାନ୍ତି, ନ୍ୟାୟାଳୟ ସେମାନଙ୍କୁ ସମାନ ବ୍ୟବହାର କରିବା ପାଇଁ କୌଣସି ଆଜ୍ଞାଦେଶ ଜାରି କରିବାକୁ ଅନିଚ୍ଛୁକ ହେବା ଉଚିତ୍।*

*ସେବା ଆଇନ-- ଦୁଇଟି ପଦବୀରେ ସମାନ ଦରମା ମିଳିବା ଉଚିତ କି ନାହିଁ, ଏହା କେବଳ କାର୍ଯ୍ୟର ପ୍ରକୃତି କିମ୍ବା ପରିମାଣ ଉପରେ ନିର୍ଭର କରେ ନାହିଁ; ସମ୍ପୃକ୍ତ ପଦବୀଗୁଡ଼ିକର କର୍ତ୍ତବ୍ୟ ଏବଂ ଦାୟିତ୍ୱର ମୂଲ୍ୟାଙ୍କନ ଆବଶ୍ୟକ କରେ।*

*ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ ଅଧିନିୟମ, 1949-- ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ଚିନ୍ତାକଳ୍ପ --ନିର୍ଣ୍ଣୟ ହୋଇଛି ଯେ, ଏହା ଏକ ପୁଲିସ ବାହିନୀ ଠାରୁ ଭିନ୍ନ; ଏହା କେବଳ ଆଇନ ଶୃଙ୍ଖଳା ପାଇଁ ନୁହେଁ ବରଂ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତି ପାଇଁ ନିୟମିତ ପୋଲିସ ବାହିନୀକୁ ସହାୟତା ପ୍ରଦାନ କରିବା ପାଇଁ ଏକ ପ୍ରସ୍ତୁତ ବାହିନୀ ଅଟେ।*

**ଉତ୍ତରଦାତାମାନେ ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ ଅଧିନିୟମ, 1949 ର ବ୍ୟବସ୍ଥା ଅନୁଯାୟୀ 'ଅଗ୍ରଗାମୀ' ଭାବେ ନିଯୁକ୍ତ ହୋଇଥିଲେ । ଅନ୍ୟ କର୍ତ୍ତବ୍ୟ ବ୍ୟତୀତ କନଷ୍ଟେବଳଙ୍କ କର୍ତ୍ତବ୍ୟ ପାଳନ କରିବାକୁ ଦାବି କରି ସେମାନେ ପୋଲିସ୍ କନଷ୍ଟେବଲମାନଙ୍କ ପରି ସମାନ ପରିମାଣର ଦରମା ଏବଂ ଅନ୍ୟାନ୍ୟ ସୁବିଧା ପାଇବାକୁ ଦାବି କରିଥିଲେ । ବେତନ ଆୟୋଗ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାରର ବେତନ ହାର ସୁପାରିଶ କରିଥିଲେ ।**

**ଉଚ୍ଚ ନ୍ୟାୟାଳୟର ଜଣିକିଆ ବିଚାରପତି, ସମାନ କାର୍ଯ୍ୟ ପାଇଁ ସମାନ ଦରମା ନୀତି ଉପରେ, ଉତ୍ତରଦାତାମାନଙ୍କ ଆଜ୍ଞାଦେଶ ଆବେଦନରେ ଅନୁମତି ଦେଇଥିଲେ ଏବଂ ରାଜ୍ୟ ସରକାରଙ୍କୁ ସେମାନଙ୍କ ମାମଲା ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏକ ଦୁଇଜଣିଆ ଖଣ୍ଡପୀଠ ଏହି ଆଦେଶକୁ ନିଶ୍ଚିତ କରିଥିଲେ ।**

ଏହି ଅଦାଲତ ସମ୍ମୁଖରେ ଆବେଦନକାରୀ ପଶ୍ଚିମବଙ୍ଗ ରାଜ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ଅଗ୍ରଗାମୀମାନଙ୍କୁ ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ତାଲିମପ୍ରାପ୍ତ ସଦସ୍ୟମାନଙ୍କ ମଧ୍ୟରୁ ନିଯୁକ୍ତି ଦିଆଯାଉଥିବା ବେଳେ, କନଷ୍ଟେବଳମାନଙ୍କୁ ସିଧାସଳଖ ଚୟନ ଦ୍ୱାରା ନିଯୁକ୍ତି ଦିଆଯାଇଥାଏ । ଅଗ୍ରଗାମୀମାନଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଷଷ୍ଠ ଶ୍ରେଣୀ ଉତିର୍ଣ୍ଣ ହୋଇଥିବାବେଳେ କନେଷ୍ଟବଳମାନଙ୍କ ପାଇଁ ଏହା ଅଷ୍ଟମ ଶ୍ରେଣୀ ଉତିର୍ଣ୍ଣ ଥିଲା । ଉଭୟଙ୍କ ପାଇଁ ଆବଶ୍ୟକ ସର୍ବନିମ୍ନ ଶାରୀରିକ ମାନକ ତଥା ସେମାନଙ୍କ କର୍ତ୍ତବ୍ୟରେ ପାର୍ଥକ୍ୟ ଥିଲା ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: **1** .ବେତନ ହାର ନିର୍ଦ୍ଧାରଣ ପ୍ରସଙ୍ଗରେ ଉତ୍ତରଦାତା ଏବଂ ପଶ୍ଚିମବଙ୍ଗ ପୋଲିସ ବାହିନୀର କନେଷ୍ଟବଳମାନଙ୍କୁ ପୃଥକ ଭାବରେ ବିଚାର କରିବା ସମ୍ବିଧାନର ଧାରା **14** ର ଉଲ୍ଲଂଘନ ନୁହେଁ । ସେମାନେ ଲୋକ ସେବାରେ ଦୁଇଟି ଭିନ୍ନ ଶ୍ରେଣୀ ଗଠନ କରନ୍ତି ।

*ପଶ୍ଚିମବଙ୍ଗ ରାଜ୍ୟ ବନାମ ମଦନ ମୋହନ ସେନ,* **[1993]** ଏସୟୁପିପି. **3** ଏସସିସି **243,** ମାମଲା ଉପରେ ନିର୍ଭର କରାଯାଇଥିଲା ।

**2.** ଦୁଇଟି ପଦବୀ ସମାନ ହେବ କି ନାହିଁ, କିମ୍ବା ସମାନ ଦରମା ମିଳିବ କି ନା, ତାହା ଅନେକ ବିଷୟ ଉପରେ ନିର୍ଭର କରେ । ଏହା କେବଳ କାର୍ଯ୍ୟର ପ୍ରକୃତି କିମ୍ବା କାର୍ଯ୍ୟର ପରିମାଣ ଉପରେ ନିର୍ଭର କରେ ନାହିଁ । ମୁଖ୍ୟତଃ ଏହା, ଅନ୍ୟମାନଙ୍କ ମଧ୍ୟରେ, ସମ୍ପୃକ୍ତ ପଦବୀଗୁଡ଼ିକର କର୍ତ୍ତବ୍ୟ ଏବଂ ଦାୟିତ୍ୱଗୁଡ଼ିକର ମୂଲ୍ୟାଙ୍କନ ଆବଶ୍ୟକ କରେ । କାର୍ଯ୍ୟର ପରିମାଣ ସମାନ ହୋଇପାରେ, କିନ୍ତୁ ଗୁଣବତ୍ତା ଭିନ୍ନ ହୋଇପାରେ । ଏହା ଆଗ୍ରହୀ ପକ୍ଷଙ୍କ ସତ୍ୟପାଠରେ ଥିବା ତଥ୍ୟ ଉପରେ ନିର୍ଭର କରି ନୁହେଁ, ବରଂ ବେତନ ଆୟୋଗ ଭଳି ବିଶେଷଜ୍ଞ ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ହୋଇପାରିବ ।

*ଦିଲ୍ଲୀ ପଶୁଚିକିତ୍ସା ସଙ୍ଘ ବନାମ ଭାରତ ସଂଘ,* ଏଆଇଆର **(1984)** ଏସସି **1221** ଏବଂ *ୟୁ. ପି. ରାଜ୍ୟ ବନାମ ଜେ. ପି. ଚୌରାସିଆ,* ଏଆଇଆର୍ **(1989)** ଏସସି **19,** ମାମଲା ଉପରେ ନିର୍ଭର କରାଯାଇଥିଲା ।

*ମଧ୍ୟ ପ୍ରଦେଶ ରାଜ୍ୟ ବନାମ ପ୍ରମୋଦ ଭରତୀୟା* **[1993] 1** ଏସସିସି **539** ଏବଂ *ଶ୍ୟାମ ବାବୁ ବର୍ମା ବନାମ ଭାରତ ସଂଘ,* ଜେଟି **(1994) 1** ଏସସି **574,** ମାମଲାକୁ ଉଲ୍ଲେଖ କରାଯାଇଛି ।

**3.** ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ସମ୍ପୂର୍ଣ୍ଣ ଚିନ୍ତାକଳ୍ପ ପୋଲିସ୍ ବାହିନୀଠାରୁ ଭିନ୍ନ । ସ୍ୱେଚ୍ଛାସେବୀମାନଙ୍କ ସମ୍ବନ୍ଧରେ, ଏହା କୁହାଯାଇପାରେ ଯେ ଏହା କେବଳ ଆଇନ ଶୃଙ୍ଖଳା ପାଇଁ ନୁହେଁ, ବରଂ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତି ପାଇଁ, ନିୟମିତ ପୋଲିସ୍ ବାହିନୀ କିମ୍ବା ଅନ୍ୟ ସେବାର ସଦସ୍ୟମାନଙ୍କୁ ସାହାଯ୍ୟ ଏବଂ ସହାୟତା ପାଇଁ ଏକ ପ୍ରସ୍ତୁତ ବାହିନୀ ଅଟେ ।

**4.1.** 'ସମାନ କାର୍ଯ୍ୟ ପାଇଁ ସମାନ ଦରମା' ନୀତି କାର୍ଯ୍ୟକାରୀ ହୋଇପାରିବ, କେବଳ ସେତେବେଳେ ଯେତେବେଳେ ଦାବି କରୁଥିବା ବ୍ୟକ୍ତିମାନେ ନ୍ୟାୟାଳୟକୁ ସନ୍ତୁଷ୍ଟ କରିବେ ଯେ କେବଳ କାର୍ଯ୍ୟର ପ୍ରକୃତି ସମାନ

**ନୁହେଁ, ବରଂ ଅନ୍ୟ ସମସ୍ତ ଦୃଷ୍ଟିରୁ ସେମାନେ ସମାନ ଶ୍ରେଣୀର ଅଟନ୍ତି ଏବଂ ସମାନଙ୍କୁ ଅସମାନ ଭାବରେ ବିବେଚନା କରିବାର କୌଣସି ସ୍ୱଷ୍ଟ କାରଣ ନାହିଁ।**

**4.2. ଯେପର୍ଯ୍ୟନ୍ତ ଏକ ସ୍ୱଷ୍ଟ ମାମଲା ଆଗକୁ ନାଆସିଛି ଏବଂ ଅଦାଲତ ସନ୍ତୁଷ୍ଟ ହୁଅନ୍ତି ଯେ ଏହା ସମ୍ମୁଖରେ ଉପସ୍ଥାପିତ ତଥ୍ୟ ଆଧାରରେ ଏକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ବେତନ ହାର କୌଣସି ଯଥାର୍ଥତା ବିନା ଭେଦଭାବ ଅଟେ, ନ୍ୟାୟାଳୟ ନିଜେ ବେତନ ହାର ସ୍ଥିର କରିବାର ଦାୟିତ୍ ଗ୍ରହଣ କରିବା ଉଚିତ୍ ନୁହେଁ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1741/1994

27.8.92 ରେ କଲିକତା ଉଚ୍ଚ ନ୍ୟାୟାଳୟର ସି. ଆର୍. ସଂଖ୍ୟା 1102/82 (ଏନ୍) ରୁ ଉତ୍ପନ୍ନ ହୋଇଥିବା ମୂଳ ଆଦେଶ ସଂଖ୍ୟା 468/1992 (ଏଫ୍. ଏମ୍. ଏ. ସଂଖ୍ୟା 468/92) ରେ ପ୍ରଦାନ କରାଯାଇଥିବା ରାୟର ଆଦେଶରୁ ଏହି ଆବେଦନ ଆସିଛି।

ଦିଲୀପ ସିହ୍ନା ଏବଂ ଜେ. ଆର. ଦାସ ଆବେଦନକାରୀଙ୍କ ପାଇଁ।

ଏନ୍. ବି. ସେଟ୍ଟୀ ଏବଂ ଜି. ଏସ୍. ଚାଟାର୍ଜୀ ଉତ୍ତରଦାତାଙ୍କ ପାଇଁ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଏନ୍. ପି. ସିଂହଙ୍କ ଦ୍ୱାରା ।** ଅନୁମତି ପ୍ରଦାନ କରାଗଲା।

ପଶ୍ଚିମବଙ୍ଗ ରାଜ୍ୟ ତରଫରୁ ଆଗତ ଏହି ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଏକ ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି, ଯେଉଁଥିରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଆଜ୍ଞାଦେଶ ଆବେଦନକାରୀ-ଉତ୍ତରଦାତାମାନଙ୍କୁ (ଏହା ପରେ 'ଉତ୍ତରଦାତା' ଭାବରେ ସୂଚିତ କରାଯାଇଛି), ପଶ୍ଚିମବଙ୍ଗ ପୋଲିସ ବାହିନୀର କନେଷ୍ଟବଳମାନଙ୍କୁ ପ୍ରଦାନ କରାଯାଉଥିବା ସମାନ ବେତନ ହାର ଏବଂ ଅନ୍ୟାନ୍ୟ ସୁବିଧା ଦେବା ପାଇଁ, ଯେଉଁମାନେ ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ସଦସ୍ୟ ଅଟନ୍ତି।

ଉତ୍ତରଦାତାମାନେ 'ଅଗ୍ରଗାମୀ' ଭାବରେ ନିଯୁକ୍ତ ହୋଇଥିଲେ, ଅନ୍ୟଭାବରେ ସେମାନଙ୍କୁ ବିଶ୍ୱକର୍ମା ବାହିନୀ ସହିତ ଜଡିତ ସ୍ୱେଚ୍ଛାସେବୀ ବୋଲି କୁହାଯାଉଥିଲା। ଉତ୍ତରଦାତାମାନଙ୍କ ଅନୁଯାୟୀ, ଯେହେତୁ ସେମାନେ ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ ଅଧିନିୟମ, 1949 (ଏହା ପରେ 'ଅଧିନିୟମ' ଭାବରେ ସୂଚିତ) ର ବ୍ୟବସ୍ଥା ଅନୁଯାୟୀ ନିଯୁକ୍ତ ହୋଇଛନ୍ତି ଏବଂ ଯେହେତୁ ସେମାନେ ଆଇନ ଶୃଙ୍ଖଳା ବଜାୟ ରଖିବା ସହିତ କନଷ୍ଟେବଳଙ୍କ କର୍ତ୍ତବ୍ୟ ପାଳନ କରୁଛନ୍ତି, ସେମାନଙ୍କୁ ପଶ୍ଚିମବଙ୍ଗର ପୋଲିସ କନଷ୍ଟେବଳଙ୍କ ସହ ସମାନ ଭାବରେ ବିଚାର କରାଯିବା ଉଚିତ; ସେମାନେ ସେହି ସମାନ ବେତନ ଏବଂ ଅନ୍ୟାନ୍ୟ ସୁବିଧା ପାଇବାକୁ ହକଦାର ଯାହା ଏହିପରି କନଷ୍ଟେବଳମାନଙ୍କୁ ପ୍ରଦାନ କରାଯାଉଛି। ସେମାନଙ୍କ ତରଫରୁ ଏହା ସୂଚିତ କରାଯାଇଥିଲା ଯେ ଜାତୀୟ ସ୍ୱେଚ୍ଛାସେବୀମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସଂଶୋଧିତ ବେତନ ହାର ଅତ୍ୟନ୍ତ ଭେଦଭାବପୂର୍ଣ୍ଣ ଏବଂ ପଶ୍ଚିମବଙ୍ଗ ପୋଲିସ ବାହିନୀର ସଦସ୍ୟମାନଙ୍କ ଠାରୁ ଭିନ୍ନ ଥିଲା, ଯଦିଓ ଉତ୍ତରଦାତାମାନେ କେବଳ ଆଇନ ଶୃଙ୍ଖଳା

ବଜାୟ ରଖିବା ସମୟରେ କନେଷ୍ଟବଲଙ୍କ କର୍ତ୍ତବ୍ୟ ପାଳନ କରନ୍ତି ନାହିଁ, ବରଂ ଇଟା ବିଛାଇବା, ବଢ଼େଇ କାର୍ଯ୍ୟ, ଚିତ୍ରକଳା, ପଲସ୍ତରା, ଚଟାଣ ନିର୍ମାଣ, ଉତ୍ତୋଳନ କରିବା ଏବଂ ବୈଦ୍ୟୁତିକ ତାର ବିଛାଇବା କାର୍ଯ୍ୟ ମଧ୍ୟ ସମ୍ପାଦନ କରନ୍ତି । ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ବ୍ୟତୀତ ସେମାନଙ୍କୁ ରାସ୍ତା ଏବଂ ରାଜପଥ ମଧ୍ୟ ନିର୍ମାଣ କରିବାକୁ ମଧ୍ୟ ପଡିଥାଏ ।

'ସମାନ କାର୍ଯ୍ୟ ପାଇଁ ସମାନ ଦରମା' ନୀତି ଉପରେ ଜଣେ ବିଦ୍ୱାନ ବିଚାରପତି ରାଜ୍ୟ ସରକାରଙ୍କୁ, ମଦନ ମୋହନ ସେନ ଏବଂ ଅନ୍ୟମାନେ ବନାମ ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ ମାମଲାରେ ସେହି ନ୍ୟାୟାଳୟର ରାୟକୁ ଦୃଷ୍ଟିରେ ରଖି ଉତ୍ତରଦାତାମାନଙ୍କ ମାମଲା ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ପଶ୍ଚିମବଙ୍ଗ ବେସାମରିକ ଜରୁରୀକାଳୀନ ବାହିନୀର ସଦସ୍ୟ ଥିବା ଅଗ୍ରଗାମୀମାନଙ୍କୁ, ପଶ୍ଚିମବଙ୍ଗ ଅଗ୍ନିଶମ ସେବାରେ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା ବେତନ ହାର ଏବଂ ସୁବିଧା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦୁଇଜଣିଆ ଖଣ୍ଡପୀଠ, ଏକକ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ନିଶ୍ଚିତ କରି କହିଛନ୍ତି ଯେ ଯେହେତୁ ଅଗ୍ରଗାମୀମାନେ କନଷ୍ଟେବଲଙ୍କ କର୍ତ୍ତବ୍ୟ ପାଳନ କରୁଛନ୍ତି, ସେମାନେ ସମାନ ବେତନ ଏବଂ ଅନ୍ୟାନ୍ୟ ଭତ୍ତା ପାଇବାକୁ ହକଦାର, ଯାହା ପଶ୍ଚିମବଙ୍ଗ ପୋଲିସ ବାହିନୀର କନଷ୍ଟେବଲମାନଙ୍କୁ ପ୍ରଦାନ କରାଯାଉଛି; ଉକ୍ତ ବେତନ ହାର ଏବଂ ସୁବିଧାଗୁଡ଼ିକର ପ୍ରତ୍ୟାଖ୍ୟାନ ସମ୍ବିଧାନର ଅନୁଚ୍ଛେଦ 14 ର ଅର୍ଥ ମଧ୍ୟରେ ଭେଦଭାବ ଅଟେ ।

ଆବେଦନକାରୀ-ରାଜ୍ୟ ତରଫରୁ, ଏକ ପ୍ରସଙ୍ଗ ଦ୍ୱାରା, ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀରେ ଅଗ୍ରଗାମୀ ଏବଂ ପଶ୍ଚିମବଙ୍ଗ ପୋଲିସ ବାହିନୀରେ କନେଷ୍ଟବଲମାନଙ୍କ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ତୁଳନାତ୍ମକ ତଥ୍ୟକୁ ସୂଚିତ କରାଯାଇଥିଲା, ଯେ ଅଗ୍ରଗାମୀମାନଙ୍କୁ ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ତାଲିମପ୍ରାପ୍ତ ସଦସ୍ୟମାନଙ୍କ ମଧ୍ୟରୁ କିମ୍ବା ପୂର୍ବତନ ସୈନିକମାନଙ୍କ ମଧ୍ୟରୁ ନିଯୁକ୍ତି ଦିଆଯାଏ, ଯେତେବେଳେ କି ପୋଲିସ ବାହିନୀରେ କନେଷ୍ଟବଲମାନଙ୍କୁ ଚୟନ ପ୍ରକ୍ରିୟା ଦ୍ୱାରା ସିଧାସଳଖ ନିଯୁକ୍ତି କରାଯାଏ । ଅଗ୍ରଗାମୀମାନଙ୍କ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ହେଉଛି ଷଷ୍ଠ ଶ୍ରେଣୀ ଉତ୍ତିର୍ଣ୍ଣ ହୋଇଥିବା ବେଳେ କନଷ୍ଟେବଲମାନଙ୍କ ପାଇଁ ଯୋଗ୍ୟତା ହେଉଛି ଅଷ୍ଟମ ଶ୍ରେଣୀ ଉତ୍ତିର୍ଣ୍ଣ । ଉଭୟଙ୍କ ପାଇଁ ଆବଶ୍ୟକ ସର୍ବନିମ୍ନ ଶାରୀରିକ ମାନକରେ ମଧ୍ୟ ପାର୍ଥକ୍ୟ ଅଛି । ଯେତେବେଳେ କି ପୋଲିସ୍ କନଷ୍ଟେବଲଙ୍କ କର୍ତ୍ତବ୍ୟ ହେଉଛି ଆଇନ ଶୃଙ୍ଖଳାର ରକ୍ଷଣାବେକ୍ଷଣ ଏବଂ ଅପରାଧ ନିବାରଣ କରିବା, ଅଗ୍ରଗାମୀମାନଙ୍କର କର୍ତ୍ତବ୍ୟ ହେଉଛି (1) ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୁଲିସ ବାହିନୀକୁ ସହାୟତା ପ୍ରଦାନ କରିବା, (2) ଡକ୍ ଆନ୍ଦୋଳନ, ନିଗମ ଆନ୍ଦୋଳନ ଏବଂ ଅନୁରୂପ ଅଶାନ୍ତ ପରିସ୍ଥିତିରେ ଆବଶ୍ୟକ ଜରୁରୀକାଳୀନ କାର୍ଯ୍ୟରେ ଯୋଗଦେବା, (3) ବନ୍ୟା, ଝଡ଼, ଭୂମିକମ୍ପ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ କାର୍ଯ୍ୟରେ ଯୋଗଦେବା (4) କେନ୍ଦ୍ର/ରାଜ୍ୟ ଉଦ୍ୟୋଗରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଯଥା ଡି.ପି.ଏଲ୍., ଡି.ସି.ଏଲ୍., ଆର.ସି.ଏଫ.ଏ., ଡବ୍ଲୁବିଏସଇବି ଏବଂ ଜଳ ବିଶୋଧନ ପ୍ଲାଣ୍ଟ ଆଦିର ସୁରକ୍ଷା ପ୍ରଦାନ କରିବା । ଆହୁରି ମଧ୍ୟ ଜଣାପଡ଼େ ଯେ ଅଗ୍ରଗାମୀମାନେ ରାଜ୍ୟ ସରକାରୀ ସେବାରେ ଚତୁର୍ଥ ଶ୍ରେଣୀର କର୍ମଚାରୀ ହୋଇଥିବାବେଳେ କନଷ୍ଟେବଲମାନେ ତୃତୀୟ ଶ୍ରେଣୀର କର୍ମଚାରୀ ଅଟନ୍ତି ।

ଏହି ଅଧିନିୟମରେ "ବାହିନୀ" ର ଅର୍ଥ ହେଉଛି ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ । "ଧାରା 2 (ଗ) ଅନୁଯାୟୀ 'ସ୍ୱେଚ୍ଛାସେବୀ "ର ଅର୍ଥ ହେଉଛି, ଧାରା 3 କିମ୍ବା ଧାରା 7ର ବ୍ୟବସ୍ଥା ଅନୁଯାୟୀ, ମାମଲା ଯାହା ହେଉନା କାହିଁକି, ସ୍ୱେଚ୍ଛାସେବୀ ବାହିନୀ କିମ୍ବା ସ୍ଥାପିତ, ଗଠିତ କିମ୍ବା ତିଆରି ହୋଇଥିବା ବାହିନୀର କୌଣସି ୟୁନିଟ୍ କିମ୍ବା ସୈନ୍ୟ ଦଳର ସଦସ୍ୟ ଭାବେ ନାମଲେଖାଇଥିବା ଜଣେ ବ୍ୟକ୍ତି । ଧାରା 3 ରେ କୁହାଯାଇଛି ଯେ ରାଜ୍ୟ ସରକାର "ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ" ନାମକ ଏକ ସ୍ୱେଚ୍ଛାସେବୀ ବାହିନୀ ଗଠନ ଏବଂ ପରିଚାଳନା କରିପାରିବେ ଏବଂ ସେହି ଉଦ୍ଦେଶ୍ୟରେ କଲିକତା ଏବଂ ପଶ୍ଚିମବଙ୍ଗର ଅନ୍ୟ ସ୍ଥାନରୁ ସ୍ୱେଚ୍ଛାସେବୀ ଭାବରେ ବ୍ୟକ୍ତିମାନଙ୍କୁ ଭର୍ତ୍ତି କରିପାରିବେ । ଧାରା 4 ରେ ଜଣେ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ନିର୍ଦ୍ଧାରିତ କରାଯାଇଛି, ଯେଉଁଥିରେ କୁହାଯାଇଛି ଯେ ଯେତେବେଳେ ଆବଶ୍ୟକ କରାଯାଏ, ସେ ବ୍ୟକ୍ତିମାନଙ୍କ ସୁରକ୍ଷା, ସମ୍ପତ୍ତିର ସୁରକ୍ଷା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ଯେକୌଣସି ଅଞ୍ଚଳରେ ଜନସାଧାରଣଙ୍କ ଶାନ୍ତି ସଂରକ୍ଷଣ ଏବଂ ଏହିପରି ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବେ ଯାହା ଉକ୍ତ ଅଧିନିୟମ ଦ୍ୱାରା କିମ୍ବା ଅଧୀନରେ ତାଙ୍କୁ ନ୍ୟସ୍ତ କରାଯାଇପାରେ । ଧାରା 7 ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ କ୍ଷମତା ପ୍ରଦାନ କରେ ଯେ ପଶ୍ଚିମବଙ୍ଗର କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବାହିନୀର ଏକ କିମ୍ବା ଅଧିକ ଗୋଷ୍ଠୀ ଦଳ କିମ୍ବା ୟୁନିଟ୍ ଗଠନ କିମ୍ବା ତିଆରି କରାଯିବ । ଧାରା 8ରେ କୁହାଯାଇଛି ଯେ :-

"8. (1) ଭାରତର କୌଣସି ନାଗରିକ କିମ୍ବା ପଶ୍ଚିମବଙ୍ଗରେ ସ୍ଥାୟୀ ବାସିନ୍ଦା ଥିବା କୌଣସି ବ୍ୟକ୍ତି ଯିଏ ବାହିନୀରେ ଭର୍ତ୍ତି ପାଇଁ ନିଜର ପ୍ରସ୍ତାବ ଦେଇପାରନ୍ତି ଏବଂ ଯିଏ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରନ୍ତି, ସେ ଏହିପରି କର୍ତ୍ତୃପକ୍ଷଙ୍କ ଦ୍ୱାରା ନାମଲେଖାଇବା ପାଇଁ ଯୋଗ୍ୟ ହୋଇପାରନ୍ତି, ଏହିପରି ଭାବରେ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ସମୟ ପାଇଁ ଯାହା ନିର୍ଦ୍ଧାରିତ ହୋଇପାରେ ।

(2) ପ୍ରତ୍ୟେକ ସ୍ୱେଚ୍ଛାସେବୀ ନିର୍ଦ୍ଧାରିତ ଫର୍ମରେ ଏକ ନିଯୁକ୍ତି ପ୍ରମାଣପତ୍ର ଗ୍ରହଣ କରିବେ ଏବଂ ଏପରି ପ୍ରମାଣପତ୍ର ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯିବ ଏବଂ ଏହା ପରେ ତାଙ୍କୁ କ୍ଷମତା, ବିଶେଷାଧିକାର ଏବଂ ସୁରକ୍ଷା ପ୍ରଦାନ କରାଯିବ ଏବଂ ଏହି ଅଧିନିୟମ ଦ୍ୱାରା କିମ୍ବା ଅଧୀନରେ ଜଣେ ସ୍ୱେଚ୍ଛାସେବୀଙ୍କ ଉପରେ ଲାଗୁ କରାଯାଇଥିବା କର୍ତ୍ତବ୍ୟ ନିର୍ବାହ କରିବେ ।

(3) ଏହି ଅଧିନିୟମ ଅନୁଯାୟୀ ନାମାଙ୍କିତ ଥିବା ପ୍ରତ୍ୟେକ ସ୍ୱେଚ୍ଛାସେବୀ ନିର୍ଦ୍ଧାରିତ ପ୍ରାଥମିକ ଏବଂ ସାମୟିକ ତାଲିମ ନେବେ ।

(4) ଏହି ଅଧିନିୟମ ଅନୁଯାୟୀ ସ୍ୱେଚ୍ଛାସେବୀ ଭାବରେ ନାମଲେଖାଇଥିବା ପ୍ରତ୍ୟେକ ବ୍ୟକ୍ତି, ଯେଉଁ ଅବଧି ପାଇଁ ସେ ନାମଲେଖାଇଥିଲେ, ସେହି ଅବଧି ସମାପ୍ତ ହେବା ପରେ ନିର୍ଦ୍ଧାରିତ ଫର୍ମରେ ବିମୋଚନ ପ୍ରମାଣପତ୍ର ଗ୍ରହଣ କରିବାକୁ ହକଦାର ହେବେ ଏବଂ ଏପରି କୌଣସି ବ୍ୟକ୍ତି, ସେହି ଅବଧି ସମାପ୍ତ ହେବା ପୂର୍ବରୁ, ନିର୍ଦ୍ଧାରିତ ସର୍ତ୍ତାବଳୀରେ ଏପରି କର୍ତ୍ତୃପକ୍ଷଙ୍କ ଦ୍ୱାରା ଅବସାନ ହୋଇପାରିବେ ଏବଂ ଏହି ଉଦ୍ଦେଶ୍ୟରେ ପରାମର୍ଶଦାତା ସମିତିର ସୁପାରିଶରେ ସେପରି ବିମୋଚନ ହେବେ ।

(5) ନିର୍ଦ୍ଧାରିତ କର୍ତ୍ତୃପକ୍ଷ, ନିର୍ଦ୍ଧାରିତ ସର୍ତ୍ତାବଳୀ ଆଧାରରେ --

(a) କୌଣସି ସ୍ୱେଚ୍ଛାସେବୀଙ୍କୁ ତାଙ୍କ କାର୍ଯ୍ୟାଳୟରୁ ନିଲମ୍ବନ, ଅବସାନ, ବରଖାସ୍ତ କିମ୍ବା ଅପସାରଣ କରିବେ ଏବଂ ତା 'ପରେ ଉପଧାରା (2) ରେ ସୂଚିତ ପ୍ରମାଣପତ୍ରର ପ୍ରଭାବ ରହିବ ନାହିଁ, କିମ୍ବା

(b) ଏହି ଅଧିନିୟମ ଅନୁଯାୟୀ ଗଠିତ କୌଣସି ୟୁନିଟକୁ ଭାଙ୍ଗି ଦିଆଯିବ ଏବଂ ସେହି ଅନୁଯାୟୀ ସେହି ୟୁନିଟର ପ୍ରତ୍ୟେକ ସ୍ୱେଚ୍ଛାସେବୀ କାର୍ଯ୍ୟାଳୟ ଖାଲି କରିବେ ।

ଧାରା 12 ରେ ବ୍ୟବସ୍ଥା ରହିଛି ଯେ ଜଣେ ସ୍ୱେଚ୍ଛାସେବୀ, ଯେତେବେଳେ ପୋଲିସ୍ ବାହିନୀକୁ ସହାୟତା କରିବା ପାଇଁ ଧାରା 10 ର ଉପ-ଧାରା (a1) କିମ୍ବା ଉପ-ଧାରା (1) ଅନୁଯାୟୀ କାର୍ଯ୍ୟ ପାଇଁ ଡକାଯାଏ, ସେତେବେଳେ ଏହିପରି ସ୍ୱେଚ୍ଛାସେବୀ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ କିମ୍ବା ସେମାନଙ୍କ ନିୟନ୍ତ୍ରଣରେ ରହିବେ ।

ଉପରୋକ୍ତ ବିଭିନ୍ନ ବ୍ୟବସ୍ଥାର ସରଳ ଅଧ୍ୟୟନରୁ ଜଣାପଡ଼େ ଯେ ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ ହେଉଛି ସ୍ୱେଚ୍ଛାସେବୀମାନଙ୍କର ଏକ ବାହିନୀ । ଯେତେବେଳେ କାର୍ଯ୍ୟ ପାଇଁ ଡକାଯାଏ, ସ୍ୱେଚ୍ଛାସେବୀଙ୍କୁ ବ୍ୟକ୍ତିବିଶେଷଙ୍କ ସୁରକ୍ଷା, ସମ୍ପତ୍ତିର ସୁରକ୍ଷା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ଯେକୌଣସି ଅଞ୍ଚଳରେ ସାଧାରଣ ଶାନ୍ତି ରକ୍ଷା ଏବଂ ତାଙ୍କୁ ଦିଆଯାଇଥିବା ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହ କରିବାକୁ ପଡିବ । ଭାରତର କୌଣସି ନାଗରିକ କିମ୍ବା ପଶ୍ଚିମବଙ୍ଗରେ ସ୍ଥାୟୀ ବାସିନ୍ଦା ଥିବା କୌଣସି ବ୍ୟକ୍ତି ଏହି ବାହିନୀରେ ନାମଲେଖାଇବା ପାଇଁ ନିଜକୁ ଉପସ୍ଥାପନ କରିପାରିବେ ଏବଂ ଯଦି ସେ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରନ୍ତି, ତେବେ ତାଙ୍କୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମୟ ପାଇଁ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନାମାଙ୍କିତ ହୋଇପାରିବ । ଉକ୍ତ ଅଧିନିୟମ ଅନୁଯାୟୀ ସ୍ୱେଚ୍ଛାସେବୀ ଭାବରେ ପଞ୍ଜୀକୃତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି, ଯେଉଁ ଅବଧି ପାଇଁ ସେ ପଞ୍ଜୀକୃତ ହୋଇଥିଲେ କିମ୍ବା ଉକ୍ତ ଅବଧି ସମାପ୍ତ ହେବା ପୂର୍ବରୁ ମଧ୍ୟ ଧାରା 8 ର ଉପଧାରା (4) ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ବିମୋଚନ ହେବେ । ଏହା ସତ୍ୟ ଯେ ଏଭଳି ସ୍ୱେଚ୍ଛାସେବୀ ବାହିନୀକୁ ଆଇନ ଶୃଙ୍ଖଳା ବଜାୟ ରଖିବା ସହିତ, ଯେତେବେଳେ ଡକାଯାଏ, ପୋଲିସ୍ ବାହିନୀର କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ଆମ ମତରେ, ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ସମ୍ପୂର୍ଣ୍ଣ ଚିନ୍ତାକଳ୍ପ ପୋଲିସ୍ ବାହିନୀଠାରୁ ଭିନ୍ନ । ସ୍ୱେଚ୍ଛାସେବୀମାନଙ୍କ ସମ୍ବନ୍ଧରେ, ଏହା କୁହାଯାଇପାରେ ଯେ ଏହା କେବଳ ଆଇନ ଶୃଙ୍ଖଳା ପାଇଁ ନୁହେଁ, ବରଂ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତି ପାଇଁ, ନିୟମିତ ପୋଲିସ୍ ବାହିନୀ କିମ୍ବା ଅନ୍ୟ ସେବାର ସଦସ୍ୟମାନଙ୍କୁ ସାହାଯ୍ୟ ଏବଂ ସହାୟତା ପାଇଁ ଏକ ପ୍ରସ୍ତୁତ ବାହିନୀ ।

ଜଣାପଡୁଛି ଯେ; ବେତନ ଆୟୋଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀର ସ୍ୱେଚ୍ଛାସେବୀ ଏବଂ ପଶ୍ଚିମବଙ୍ଗ ପୋଲିସ ବାହିନୀର କନଷ୍ଟେବଳଙ୍କ ବେତନ ହାର ଯାଞ୍ଚ କରିଥିଲେ । ପ୍ରାସଙ୍ଗିକ ତଥ୍ୟ ଆଧାରରେ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାରର ବେତନ ହାର ସୁପାରିଶ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହା ଜାଣିବାକୁ ପାଇଲେ ଯେ ଉତ୍ତରଦାତାମାନଙ୍କ କାର୍ଯ୍ୟର ପ୍ରକୃତି ଅଳ୍ପ କିମ୍ବା ବହୁତ ପୋଲିସ୍ ବାହିନୀର କନେଷ୍ଟବଳମାନଙ୍କ କାର୍ଯ୍ୟର ସ୍ୱଭାବ ସହିତ ସମାନ ଥିଲା, ବିଶେଷ କରି ଯେତେବେଳେ ସେମାନଙ୍କୁ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଡକାଯାଏ, ସେତେବେଳେ କହିଥିଲେ ଯେ 'ସମାନ କାର୍ଯ୍ୟ ପାଇଁ ସମାନ ଦରମା' ନୀତି ଉପରେ ଉତ୍ତରଦାତାମାନଙ୍କ ସମାନ ବେତନ ଦାବିକୁ ଅସ୍ୱୀକାର କରିବାର କୌଣସି ଯଥାର୍ଥତା ନାହିଁ ।

ଲୋକ ସେବାରେ, ଦୁଇଟି ସେବାରେ କିମ୍ବା ସମାନ ସେବାରେ କାର୍ଯ୍ୟର ପ୍ରକୃତି, ଦୁଇ ଗୋଷ୍ଠୀର କାର୍ଯ୍ୟର ପ୍ରକୃତି କମ୍ କିମ୍ବା ଅଧିକ ସମାନ ହୋଇପାରେ । କିନ୍ତୁ କେବଳ ସେହି ଆଧାରରେ ସେମାନେ ସମାନ ପରିମାଣର ବେତନ ହାର ପାଇବାକୁ ହକଦାର ନୁହଁନ୍ତି । ଏହା ସର୍ବଜନବିଦିତ ଯେ, ବେତନ ଆୟୋଗ ଭଳି ବିଶେଷଜ୍ଞ ସଂସ୍ଥା ଦ୍ୱାରା ବେତନ ହାରସ୍ଥିର କରାଯାଇଥାଏ, ଯେଉଁଥିରେ ଏହି ବିଷୟରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତିମାନେ ସାମିଲ ହୋଇଥାନ୍ତି । ଏହିପରି ଆୟୋଗମାନଙ୍କୁ ବେତନ ହାର ସ୍ଥିର କରିବା କିମ୍ବା ଏହାକୁ ସଂଶୋଧନ କରିବା ସମୟରେ, କେବଳ ସମାନ ସେବାର ସଦସ୍ୟ ଏବଂ ବିଭିନ୍ନ ସେବାର ସଦସ୍ୟମାନଙ୍କ ଦ୍ୱାରା କାର୍ଯ୍ୟର ପ୍ରକୃତି ନୁହେଁ, ବରଂ ବେତନ ହାର ସ୍ଥିର ହେବା ପୂର୍ବରୁ ଅନ୍ୟାନ୍ୟ ବିଭିନ୍ନ କାରକକୁ ମଧ୍ୟ ଗଭୀର ଭାବରେ ଯାଞ୍ଚ କରିବାକୁ ପଡିବ । ଏହିପରି ବେତନ ଆୟୋଗର ଏକ ପ୍ରାଥମିକ ଚିନ୍ତା ହେଉଛି ଯେ କୌଣସି ଅସଙ୍ଗତିକୁ ଦୂର କରିବା ଏବଂ ବିଭିନ୍ନ ସେବାର ସଦସ୍ୟମାନେ କେବଳ କାର୍ଯ୍ୟର ପ୍ରକୃତି ଅନୁଯାୟୀ ନୁହେଁ ବରଂ ଶିକ୍ଷାଗତ ଯୋଗ୍ୟତା, ପଦବୀଗୁଡ଼ିକର ଦାୟିତ୍ୱ ଏବଂ ଅଭିଜ୍ଞତା ଇତ୍ୟାଦି ଅନୁଯାୟୀ ବେତନ ଏବଂ ଅନ୍ୟାନ୍ୟ ପାରିଶ୍ରମିକ ପାଇବେ । ତେଣୁ, ନ୍ୟାୟାଳୟ ଦ୍ୱାରା କୌଣସି ନିର୍ଦ୍ଦେଶ ଜାରି ହେବା ପୂର୍ବରୁ, ଦାବିଦାରମାନଙ୍କୁ ଏହା ପ୍ରମାଣ କରିବାକୁ ହେବ ଯେ ମଜୁରୀ କିମ୍ବା ଦରମା ପ୍ରଦାନ ପ୍ରସଙ୍ଗରେ ସେମାନଙ୍କୁ ପୃଥକ ଭାବରେ ବିଚାର କରିବାର କୌଣସି ଯୁକ୍ତିଯୁକ୍ତ ଆଧାର ନାହିଁ ।

*ଦିଲ୍ଲୀ ପଶୁଚିକିତ୍ସା ସଂଘ ବନାମ ଭାରତ ସଂଘ* ଏଆଇଆର୍ (1984) ଏସସି 1221 ମାମଲାରେ ଏହି ନ୍ୟାୟାଳୟ କହିଛନ୍ତି ଯେ 'ସମାନ କାର୍ଯ୍ୟ ପାଇଁ ସମାନ ଦରମା' ନୀତି ବ୍ୟତୀତ, ସରକାରୀ କର୍ମଚାରୀଙ୍କ ବେତନ ଢାଞ୍ଚା ଅନ୍ୟାନ୍ୟ ଅନେକ ସାମାଜିକ ମୂଲ୍ୟବୋଧକୁ ପ୍ରତିଫଳିତ କରିବା ଉଚିତ୍ । ଏହା କୁହାଯାଇଥିଲା ଯେ:-

> "ତୃତୀୟ ବେତନ ଆୟୋଗଙ୍କ ଅନୁଯାୟୀ, ଦକ୍ଷତାର ମାତ୍ରା, କାର୍ଯ୍ୟର ଚାପ, ସମ୍ପୃକ୍ତ ଅଭିଜ୍ଞତା, ଆବଶ୍ୟକ ତାଲିମ, ଦାୟିତ୍ୱ ଗ୍ରହଣ, ମାନସିକ ଏବଂ ଶାରୀରିକ ଆବଶ୍ୟକତା, ଅପ୍ରୀତିକର କାର୍ଯ୍ୟ, କାର୍ଯ୍ୟ ଉପରେ ବିପଦ ସ୍ଥିତି ଏବଂ କ୍ଲାନ୍ତି ଆଦି କେତେକ ପ୍ରାସଙ୍ଗିକ କାରଣ ରହିଛି ଯାହା ବେତନ ହାର ସ୍ଥିର କରିବା ସମୟରେ ବିଚାରକୁ ନିଆଯିବା ଉଚିତ । ନିଯୁକ୍ତି ପଦ୍ଧତି, ସେବା କିମ୍ବା ଶ୍ରେଣୀର ପଦାନୁକ୍ରମରେ ପ୍ରାରମ୍ଭିକ ନିଯୁକ୍ତି ଯେଉଁ ସ୍ତରରେ କରାଯାଏ, ପଦବୀ ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା, ଜନସାଧାରଣଙ୍କ ସହ କାରବାରର ପ୍ରକୃତି, ଉପଲବ୍ଧ ପଦୋନ୍ନତିର ସୁଯୋଗ ଏବଂ ସମାନ ସେବା କିମ୍ବା ବାହାରେ ଅନ୍ୟ ଚାକିରି ସହିତ ସମାନ୍ତରାଳ ଏବଂ ଊର୍ଦ୍ଧ୍ୱମୁଖୀ ଆପେକ୍ଷିକତା ମଧ୍ୟ ପ୍ରାସଙ୍ଗିକ କାରକ ଅଟେ ।

*ୟୁ. ପି. ରାଜ୍ୟ ବନାମ ଜେ. ପି. ଚୌରାସିଆ*, ଏଆଇଆର୍ (1989) ଏସସି 19 = [1989] 1 ଏସସିସି 121 ମାମଲାରେ ଏହା ଦର୍ଶାଯାଇଥିଲା ଯେ ଦୁଇଟି ପଦବୀ ସମାନ କିମ୍ବା ସମାନ ବେତନ ବହନ କରିବା ଉଚିତ କି ନା, ଏହା ଅନେକ କାରକ ଉପରେ ନିର୍ଭର କରିଥାଏ । ଏହା କେବଳ କାର୍ଯ୍ୟର ପ୍ରକୃତି କିମ୍ବା କାର୍ଯ୍ୟର ପରିମାଣ ଉପରେ ନିର୍ଭର କରେ ନାହିଁ । ମୁଖ୍ୟତଃ ଏହା, ଅନ୍ୟମାନଙ୍କ ମଧ୍ୟରେ, ସମ୍ପୃକ୍ତ ପଦବୀଗୁଡ଼ିକର କର୍ତ୍ତବ୍ୟ ଏବଂ ଦାୟିତ୍ୱଗୁଡ଼ିକର ମୂଲ୍ୟାଙ୍କନ ଆବଶ୍ୟକ କରେ । କାର୍ଯ୍ୟର ପରିମାଣ ସମାନ ହୋଇପାରେ, କିନ୍ତୁ ଗୁଣବତ୍ତା ଭିନ୍ନ ହୋଇପାରେ । ଆଗ୍ରହୀ ପକ୍ଷଙ୍କ ସତ୍ୟପାଠରେ ଥିବା ତଥ୍ୟ ଉପରେ ନିର୍ଭର କରି ଏହା ନିର୍ଣ୍ଣୟ କରାଯାଇପାରିବ ନାହିଁ । ଏହା ବେତନ ଆୟୋଗ ଭଳି ବିଶେଷଜ୍ଞ ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ହେବା ଆବଶ୍ୟକ, ଯେଉଁମାନେ କର୍ତ୍ତବ୍ୟର ପ୍ରକୃତି, ଦାୟିତ୍ୱ ଏବଂ ସମସ୍ତ ପ୍ରାସଙ୍ଗିକ କାରକଗୁଡ଼ିକର ମୂଲ୍ୟାଙ୍କନ କରିବା ପାଇଁ ସର୍ବୋତ୍ତମ ବିଚାରକ ହେବେ । ଏହି ନ୍ୟାୟାଳୟର

ତିନିଜଣିଆ ବିଚାରପତିଙ୍କ ବିଚାରପୀଠ ଦ୍ୱାରା *ଏମ୍. ପି. ବନାମ ପ୍ରମୋଦ ଭରତୀୟା,* [1993] 1 ଏସସିସି 539 ମାମଲାରେ ସମାନ ମତ ଦୋହରାଯାଇଥିଲା । ନିକଟରେ, *ଶ୍ୟାମ ବାବୁ ବର୍ମା ବନାମ ଭାରତ ସଂଘ,* ଜେଟି (1994) 1 ଏସସି 574 ମାମଲାରେ, ଔଷଧ ବିକ୍ରେତାଙ୍କ ଏକ ଗୋଷ୍ଠୀ ଦ୍ୱାରା ସମାନ ଦରମା ପାଇଁ ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ କୁହାଯାଇଥିଲା ଯେ ବର୍ଗୀକରଣ ଅଯୌକ୍ତିକ ଥିବାର କେବଳ ଦୃଢ କାରଣ ବ୍ୟତୀତ, କାର୍ଯ୍ୟର ସମ୍ପୂର୍ଣ୍ଣ ଅଧ୍ୟୟନ ଏବଂ ବିଶ୍ଳେଷଣ ପରେ ବିଶେଷଜ୍ଞଙ୍କ ଏକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ବର୍ଗୀକରଣକୁ ବାଧା ଦେବା ଉଚିତ୍ ନୁହେଁ ।

ଏହା ପ୍ରଭାବିତ ହେବାର ଆବଶ୍ୟକତା ନାହିଁ ଯେ କେବଳ ଦାବି କରୁଥିବା ବ୍ୟକ୍ତିମାନେ ନ୍ୟାୟାଳୟକୁ ସନ୍ତୁଷ୍ଟ କରିବା ପରେ 'ସମାନ କାର୍ଯ୍ୟ ପାଇଁ ସମାନ ଦରମା' ନୀତି କାର୍ଯ୍ୟକାରୀ ହୋଇପାରିବ ଯେ କେବଳ କାର୍ଯ୍ୟର ପ୍ରକୃତି ସମାନ ନୁହେଁ, ଅନ୍ୟ ସମସ୍ତ ଦୃଷ୍ଟିରୁ ସେମାନେ ସମାନ ଶ୍ରେଣୀର ଅଟନ୍ତି ଏବଂ ସମାନଙ୍କୁ ଅସମାନ ଭାବରେ ବିବେଚନା କରିବାର କୌଣସି ସ୍ପଷ୍ଟ କାରଣ ନାହିଁ । ଯଦି କୌଣସି ସ୍ପଷ୍ଟ ମାମଲା ଆଗକୁ ନଆସେ ଏବଂ ଅଦାଲତ ସନ୍ତୁଷ୍ଟ ହୁଅନ୍ତି ଯେ ତାଙ୍କ ସମ୍ମୁଖରେ ଉପସ୍ଥାପିତ ତଥ୍ୟ ଆଧାରରେ ଏକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ବେତନ ହାର କୌଣସି ଯଥାର୍ଥତା ବିନା ଭେଦଭାବ ବୋଲି ବିବେଚନା କରାଯାଏ, ତେବେ ନ୍ୟାୟାଳୟ ବେତନ ହାର ସ୍ଥିର କରିବାର ଦାୟିତ୍ୱ ଗ୍ରହଣ କରିବା ଉଚିତ୍ ନୁହେଁ, ବିଶେଷ କରି ଯେତେବେଳେ ବିଭିନ୍ନ ବେତନ ହାର ସ୍ଥିର କରାଯାଏ, ବେତନ ଆୟୋଗ କିମ୍ବା ବେତନ ସଂଶୋଧନ ସମିତି ଦ୍ୱାରା ଏହି କ୍ଷେତ୍ରରେ ବିଶେଷଜ୍ଞ ଭାବରେ ବିବେଚିତ ବ୍ୟକ୍ତିମାନଙ୍କୁ ରଖାଯାଏ ଏବଂ ସମସ୍ତ ପ୍ରାସଙ୍ଗିକ ତଥ୍ୟ ଯାଞ୍ଚ କରାଯାଇଥାଏ । ଏହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ ଯେ ସମସ୍ତ ପ୍ରାସଙ୍ଗିକ ତଥ୍ୟର ଅନୁପସ୍ଥିତିରେ, ନ୍ୟାୟାଳୟ ଦ୍ୱାରା ନିଆଯାଇଥିବା ପ୍ରକ୍ରିୟାରେ, ବିଭିନ୍ନ ସେବାରେ ଏକ ଅସଙ୍ଗତି ପ୍ରବର୍ତ୍ତନ କରାଯାଇପାରେ, ଯାହା ବିଷୟରେ ନ୍ୟାୟାଳୟ ସଚେତନ ହୋଇନପାରନ୍ତି । ଯେପର୍ଯ୍ୟନ୍ତ ଦାବିଦାରମାନଙ୍କ ଉପସ୍ଥାପିତ ତଥ୍ୟ ଉପରେ ନ୍ୟାୟାଳୟ ସନ୍ତୁଷ୍ଟ ନହୋଇଛନ୍ତି, ଯେ ସେମାନଙ୍କୁ ଅନୁଚ୍ଛେଦ14 ର ମାପକ ମଧ୍ୟରେ ସମାନ ଭାବରେ ବିବେଚନା କରାଯାଇ ନାହିଁ, ସେମାନଙ୍କୁ ସମାନ ଭାବରେ ବିଚାର କରିବା ପାଇଁ କୌଣସି ଆଜ୍ଞାଦେଶ କିମ୍ବା ନିର୍ଦ୍ଦେଶ ଜାରି କରିବାକୁ ଅନିଚ୍ଛୁକ ହେବା ଉଚିତ୍, ବିଶେଷ କରି ଯେତେବେଳେ ବିଶେଷଜ୍ଞଙ୍କ ଏକ ମଣ୍ଡଳୀ ସେମାନଙ୍କୁ ଅସମାନ ଭାବେ ପାଇ ନାହାଁନ୍ତି ।

ଯେପର୍ଯ୍ୟନ୍ତ ବର୍ତ୍ତମାନର ମାମଲା ସମ୍ପୃକ୍ତ, ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ଉଚ୍ଚ ନ୍ୟାୟାଳୟ ସେହି ନ୍ୟାୟାଳୟର ପୂର୍ବ ରାୟ ଉପରେ ନିର୍ଭରଶୀଳ ହୋଇ ନିର୍ଦ୍ଦେଶ ଦେଇଛନ୍ତି ଯେ ପଶ୍ଚିମବଙ୍ଗ ବେସାମରିକ ଜରୁରୀକାଳୀନ ବାହିନୀର ଅଗ୍ରଗାମୀମାନଙ୍କୁ ସେହି ସମାନ ବେତନ ପ୍ରଦାନ କରାଯିବ, ଯାହା ଅଗ୍ନିଶମ ବିଭାଗର ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିଲା । ଉଚ୍ଚ ନ୍ୟାୟାଳୟର ସେହି ପୂର୍ବ ରାୟକୁ ଏହି ନ୍ୟାୟାଳୟ *ପଶ୍ଚିମବଙ୍ଗ ରାଜ୍ୟ ବନାମ ମଦନ ମୋହନ ସେନ,* [1993] ଏସୟୁପିପି. 3 ଏସସିସି 243 ମାମଲାରେ ଓଲଟାଇ ଦେଇଥିଲେ । ଏହି ନ୍ୟାୟାଳୟ, ପଶ୍ଚିମବଙ୍ଗ ବେସାମରିକ ଜରୁରୀକାଳୀନ ବାହିନୀର ଅଗ୍ରଗାମୀମାନଙ୍କ ଆଜ୍ଞାଦେଶ ଆବେଦନକୁ ଖାରଜ କରିବା ସମୟରେ ଦର୍ଶାଇଛନ୍ତି ଯେ କେବଳ ଉଭୟଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ଶାରୀରିକ ଆବଶ୍ୟକତା ସମାନ କିମ୍ବା ଅଗ୍ରଗାମୀଙ୍କୁ ଅନ୍ୟାନ୍ୟ ତାଲିମ ସହିତ କିଛି ଅଗ୍ନି ନିର୍ବାପକ ତାଲିମ ମଧ୍ୟ ଦିଆଯାଏ, ଏହା କୁହାଯାଇପାରିବ ନାହିଁ ଯେ ସେମାନେ ଅଗ୍ନିଶମ କର୍ମଚାରୀଙ୍କ ପରି ସମାନ କର୍ତ୍ତବ୍ୟ, କାର୍ଯ୍ୟ ଏବଂ ଦାୟିତ୍ୱ ନିର୍ବାହ କରନ୍ତି ।

ଏଠାରେ ମଧ୍ୟ ସେହି ସମାନ ସ୍ଥିତି । ନଥିରେ ଥିବା ତଥ୍ୟ ଅନୁଯାୟୀ, ଏହା ନିର୍ଣ୍ଣୟ ନେବା କଷ୍ଟକର ଯେ ପଶ୍ଚିମବଙ୍ଗ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ ଅଧିନିୟମ ଅନୁଯାୟୀ ସ୍ୱେଚ୍ଛାସେବୀ ଭାବରେ ପଞ୍ଜୀକୃତ ହୋଇଥିବା ଉତ୍ତରଦାତାମାନେ ପଶ୍ଚିମବଙ୍ଗ ପୋଲିସ ବାହିନୀ ଅଧୀନରେ କନଷ୍ଟେବଲ ଶ୍ରେଣୀର ଅଟନ୍ତି ଏବଂ ବେତନ ହାର ସ୍ଥିର କରିବା ପ୍ରସଙ୍ଗରେ ସେମାନଙ୍କୁ ପୃଥକ ଭାବରେ ବିଚାର କରିବା ସମ୍ବିଧାନର ଧାରା 14 ର ଉଲ୍ଲଂଘନ ଅଟେ । ଆମ ମତରେ, ସେମାନେ ଲୋକ ସେବାରେ ଦୁଇଟି ଭିନ୍ନ ଶ୍ରେଣୀ ଗଠନ କରନ୍ତି । ଏହି ପୃଷ୍ଠଭୂମିରେ, ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ପଶ୍ଚିମବଙ୍ଗ ରାଜ୍ୟ ପୋଲିସ ବାହିନୀର କନଷ୍ଟେବଲଙ୍କ ସହିତ ସମାନ ବିବେଚନା କରିବାରେ ତ୍ରୁଟି କରିଥିଲେ ।

ଫଳସ୍ୱରୂପ, ଆବେଦନକୁ ଅନୁମତି ଦିଆଗଲା, ଏବଂ ଏକକ ବିଚାରପତି ଏବଂ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟକୁ ଅଗ୍ରାହ୍ୟ କରାଗଲା । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଏସ୍. ଏମ୍. ଆବେଦନକୁ ଅନୁମତି
ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।